# Akashvani, Sambalpur

## SAMBALPURI NEWS BULLETIN

### 6 February 2025- 6.47- 6.52 am.

*********************************************

ବିକଶିତ ଗାଁ ବିକଶିତ୍ ଓଡ଼ିଶା I&PR/BGH/SONEPUR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ ମାଝୀ ଗଲାକାଏଲ୍ ରାଏଜେ ବିକଶିତ ଗାଁ ବିକଶିତ୍ ଓଡ଼ିଶା ଯୋଜ୍ନାର୍ ଶୁଭାରମ୍ଭ କରିଛନ୍ । ଖୋର୍ଦ୍ଧା ଜିଲ୍ଲାର ଜଙ୍କିଆ ମିନିଷ୍ଟାଡିୟମ୍ଠାନେ ହେଇଥିବା କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ଯୋଜ୍ନାଥି ରାଏଜର୍ ପାଖାପାଖି ୬୦ ହଜାର ଗାଁର ବିକାଶ ହେବା । ଗାଁମାନ୍ଙ୍କର ଭିତିଭୂମିର୍ ବିକାଶ୍ ଲାଗି ବଛର୍କେ ହଜାରେ କୋଟି ଟଙ୍କା କରି ୫ ବଛର୍ ଭିତ୍ରେ ୫ ହଜାର୍ କୋଟି ଟଙ୍କା ବିନିଯୋଗ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ବର୍ଗଡ଼୍ ଜିଲ୍ଲା ଲେଙ୍ଗୁମିଶ୍ର ମିନିଷ୍ଟାଡ଼ିୟମ୍ ଠାନେ ଯୋଜ୍ନାର୍ ଜିଲ୍ଲାସ୍ତରୀୟ ଉଦ୍ଘାଟନୀ କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍କେ ଉଦ୍ଘାଟନ୍ କରିଥିଲେ ।

ସେନ୍ତା ସୋନ୍‌ପୁର୍ ଟାଉନ୍‌ହଲ୍ ଠାନେ ବିକଶିତ୍ ଗାଁ ବିକଶିତ୍ ଓଡ଼ିଶା କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ବୀର୍‌ମହାରାଜ୍‌ପୁର୍ ବିଧାୟକ୍ ରଘୁନାଥ ଜଗ୍‌ଦଲା, ଜିଲ୍ଲାପାଲ୍ ଅନ୍ୟା ଦାସଙ୍କର୍ ସହେତେ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଅର୍ଥ କମିଶନ୍‌ର ଅଧ୍ୟକ୍ଷ ଆର୍ ସଦସ୍ୟ ପୁରୀ ସମ୍ବାଦଦାତା

୪ ଦିନିଆ ଓଡ଼ିଶା ଗସ୍ତଥି ଆସିଥିବା ଷୋଡ଼ଶ ଅର୍ଥ କମିଶନ୍ ଅଧ୍ୟକ୍ଷ ଅରବିନ୍ଦ ପାନ୍‌ଗାରିଆ ଆର୍ ସଦସ୍ୟମାନେ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ ରାଜ୍ୟର୍ ପ୍ରମୁଖ ଅଧିକାରୀମାନ୍‌କୁ ଭେଟ୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ଅବ୍‌ସରେ ରାଜ୍ୟ ସର୍‌କାର୍ କମିଶନ୍‌ଙ୍କର୍ ଠାନେ ଆଏବା ୫ ବଛରର୍ ବିକାଶ୍ ଲାଗି ୧୨ ଲାଖ୍ କୋଟିନୁ ଅଏତ୍‌କା ଟଙ୍କା ଦାବି ରଖିବେ । ଇ ବାବ୍‌ଦେ କିଛି ଦିନ୍ ତଲେ ବିଧାନ୍‌ସଭା ନ ଗୁଟେ ପ୍ରସ୍ତାବ୍ ପାରିତ୍ ହେଇଛେ । ଇତାର୍‌ସହେତେ କମିଶନ୍- ରାଜ୍ୟର୍ ପ୍ରମୁଖ ରାଜନୈତିକ୍ ଦଲ୍‌ର ପ୍ରତିନିଧି ମାନ୍‌କୁ ଭିଲ୍ ଭେଟ୍‌ବେ ।

ଓ୍ୱେଭ୍‌ସ ରିଲ୍ ପ୍ରତିଯୋଗିତା ପି.ଆଇ.ବି./ଏନ୍‌ଏସ୍‌ଡି

ଇ ବଛର୍ ଭାରତ୍ ନ ହେବାର୍‌କେ ଥିବା ବିଶ୍ୱ ଅଡିଓ ଭିଜୁଆଲ୍ ଏଂଟରଟେନ୍‌ମେଂଟ ସମ୍ମିଳନୀ-ୱେଭ୍‌ସ ଲାଗି ରିଲ୍ ବନାବାର୍ ପ୍ରତିଯୋଗିତା ଭିଲ୍ ହେବା । ଇଥିର୍ ଲାଗି ୨୦ଟା ଦେଶ୍ ଆର୍ ଦେଶ୍ ଭିତ୍‌ରୁ ଅବ୍‌ତକ୍ ୩ ହଜାର ୩ ଶହ ୭୯ ଝନ୍ ପଞ୍ଜିକୃତ୍ ହେଇଛନ୍ । ପଞ୍ଜିକରଣ୍ ଇଛେନ୍ ଭିଲ୍ ଚାଲିଛେ ଆର୍ ଇଟା ମାର୍ଚ୍ଚ ୧୫ ତାରିଖ୍ ତକ୍ ଚାଲ୍‌ବା ।

ସେଆଡ଼େ ସରକାର ଦେଶେ କୃତିମ ବୁଦ୍ଧିମତା-ଏଆଇ କୌଶଲ୍ କେନ୍ଦ୍ର ଥାପ୍‌ନା କର୍‌ବାରକେ ଯାଉଥିବାର୍‌ନୁ ସୂଚ୍‌ନା ଆର୍ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଗଲାକାଏଲ୍ ଓପନ୍ ଏଆଇର ସିଇଓ ସାମ୍ ଅଲ୍‌ଟମେନ୍‌ଙ୍କୁ ଭେଟିକରି ଜିପିୟୁ, ମଡେଲ୍ ଆର୍ ଆପ୍ ତିଆର୍ କର୍‌ବାର୍ ବାଗିର୍ ଏଆଇ ଷ୍ଟାକ୍ ବନାବାର୍ ବାବଦ୍ ଆଲୋଚନା କରିଛନ୍ ।

ଓଏସ୍‌ଏସ୍‌ଏସ୍‌ସି ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ସବ୍ ଅଡ଼ିନେଟ୍ ଷ୍ଟାଫ୍ ସିଲେକ୍ସନ୍- ଓଏସ୍‌ଏସ୍‌ଏସ୍‌ସି ଙ୍କର୍ ତର୍‌ଫୁ ୨ ହଜାର୍ ୭ ଶହ ୫୩ ଟା ପଦ୍ ଥି ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଉପ୍‌ରେ ଗଲା ୩ ତାରିଖ୍ ଜାରି ହେଇଥିବା

ରହିତାଦେଶ୍‌କେ ହାଇକୋର୍ଟ ଉଠେଇଦେଇଛନ୍ । ଆଏବା ୭ ତାରିଖ୍ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଆୟୋଜିତ୍ ହେଉଥିବା ନିଯୁକ୍ତି ମହାମେଳାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସ୍ୱାସ୍ଥ୍ୟକର୍ମୀମାନ୍‌କୁ ନିଯୁକ୍ତି ପତ୍ର ଦେବେ ବଲି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ କୁହାଯାଇଛେ ।

କୃମିନାଶକ୍ ଉଷୋ ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ କୃମିନାଶକ୍ ଦିବସ୍ ଅବ୍‌ସରେ ସର୍‌କାର୍‌ଙ୍କର୍ ତର୍‌ଫୁ ଆଏବା ୧୦ ତାରିଖ୍ ଦିନ ୧ ନୁ ୧୯ ବଛର୍ ଭିତ୍‌ରେ ଥିବା ସବୁ ଛୁଆ, ପିଲା, ଟୁକେଲ୍ ଆଉ ୨୦ ନୁ ୨୪ ବଛର୍ ବୟସ୍କ ଆସନ୍ନ ପ୍ରସବା ମାନ୍‌କୁ ଆଲ୍‌ବେଣ୍ଡାଜଲ୍ ବଟିକା ଆର୍ ସିରପ୍- ଅଙ୍ଗନବାଡ଼ି କେନ୍ଦ୍ର, ସର୍‌କାରୀ, ବେସର୍‌କାରୀ ବିଦ୍ୟାଳୟ ଆର୍ ମହାବିଦ୍ୟାଳୟ ମାନ୍‌କେ ଦିଆଯିବା । ଯେନ୍‌ମାନେ ୧୦ ତାରିଖ୍ ଦିନ ଇ ବଟିକା ନାଇଁ ଖାଇପାରିଥିବେ ସେମାନ୍‌କୁ ଆଏବା ୧୭ ତାରିଖ୍ ଦିନ ମପ୍ ଅପ୍ ଦିବସ୍‌ଥି ଇ ଉଷୋ ଖାଏବାର୍‌କେ ଦିଆଯିବା । ଇ ଉଷୋର୍ କେନ୍‌ସି ଜଟିଲ୍ ପାର୍ଶ୍ୱ ପ୍ରତିକ୍ରିୟା ନାଇଁ ଥାଏ । ହେଥିର୍‌ଲାଗି ନିର୍ଦ୍ଧାରିତ୍ ବର୍ଗଥି ଆସୁଥିବା ସମ୍‌କୁ ଠିକ୍ ସମିଆଥି ସର୍‌କାର୍‌ଙ୍କର୍ ତର୍‌ଫୁ ଦିଆଯାଉଥିବା ମାହାଲିଆ

କୃମିନାଶକ୍ ଉଷୋ ଖୁଆବାର୍‌କେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଅଭିଭାବକ୍‌ମାନ୍‌କୁ ଅନୁରୋଧ୍ କରାଯାଇଛେ । ସ୍ୱାସ୍ଥ୍ୟ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ୧୦ ତାରିଖ୍ ଦିନ ରାଏଜେ ୧ କୋଟି ୪୬ ଲାଖ୍ ପିଲାଟୁକେଲ୍ ଆର୍ ୧୭ ଲାଖ୍ ୭ ହଜାର୍ ମହିଲାଙ୍କୁ ଇ ଉଷୋ ଖୁଆଯିବା ।

ଓଡ଼ିଶା ଦର୍ଶନ୍ କାର୍ଯ୍ୟକ୍ରମ୍ I&PR

ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଏନ୍‌ଏସ୍‌ଏସ୍ ଶାଖା ଜରିଏ ଓଡ଼ିଶା ଦର୍ଶନ୍ କାର୍ଯ୍ୟକ୍ରମ୍-୨୦୨୫ ଗଲାକାଏଲ୍ ମୁଲ୍ ହେଇଛେ । କାର୍ଯ୍ୟକ୍ରମ୍ ୮ ତାରିଖ୍‌ତକ୍ ଚାଲ୍‌ବା । ଇଥି ରାଜ୍ୟର୍ ପାଖାପାଖି ୨ ଶହ ୭୦ ଝନ୍ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ମାନେ ଓଡ଼ିଶାର୍ ଭିନ୍ ଭିନ୍ ପର୍ଯ୍ୟଟନ୍‌ସ୍ଥଲୀ, ମନ୍ଦିର୍, ବେଳାଭୂମି, ଐତିହାସିକ୍ ଜାଗା ବୁଲ୍‌ବାର୍ ସହେତେ ଆଗ୍‌ଧାଡ଼ିର୍ ବିଶ୍ୱବିଦ୍ୟାଳୟ ଆର୍ ମହାବିଦ୍ୟାଳୟମାନ୍‌କୁ ବୁଲିଯିବେ ବଲି ଉଚ୍ଚଶିକ୍ଷା ବିଭାଗ୍ ନିର୍ଦ୍ଦେଶକ୍ କାଳୀପ୍ରସନ୍ନ ମହାପାତ୍ର କହିଛନ୍ ।

ଭାରତ୍-ଇଂଲଣ୍ଡ୍ ମେଚ୍- ଟିକେଟ୍ ବିକ୍ରି ଆର୍‌ଏନ୍‌ୟୁ/ସମ୍ବଲପୁର

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ଠାନେ ଆଏବା ୯ ତାରିଖ୍ ହେବାର୍‌କେ ଥିବା ଭାରତ୍-ଇଂଲଣ୍ଡ୍ ଦିନ୍‌କିଆ କ୍ରିକେଟ୍ ମେଚ୍ ଲାଗି ଗଲାକାଏଲ୍ ଷ୍ଟାଡ଼ିୟମ୍ ପାଖେ ୪ ଟା  କାଉଂଟର୍ ନ ଟିକେଟ୍ ବିକ୍ରି  ହେଇଥିଲା । ଦିନେ ଭିତ୍‌ରେ ସବୁ ଟିକେଟ୍ ବିକ୍ରି ହେଇଯାଇଥିଲା । ସେଆଡ଼େ ଇ ମେଚ୍ ଲାଗି ଦୁହି ଦଲ୍ ଆଏବାକାଏଲ୍ ଓଡ଼ିଶା ପୁହୁଁଚିବେ ଆର୍ ପର୍‌ଦିନ ଅଭ୍ୟାସ୍ ମେଚ୍ ହେବା ।

ଜାତୀୟ କ୍ରୀଡ଼ା       ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତରାଖଣ୍ଡ ଠାନେ ଚାଲିଥିବା ୩୮ ନମ୍ବର୍ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାଥି ଓଡ଼ିଶାକେ ୨ ଟା ରୌପ୍ୟ ପଦକ୍ ମିଲିଛେ । ସାଇକେଲ୍‌ଚାଲ୍‌ନା ୪ ହଜାର୍ ମିଟର୍ ଟ୍ରାକ୍ ବର୍ଗଥି ଓଡ଼ିଶାର୍ ମହିଲା  ଦଲ୍ ରୌପ୍ୟ ପଦକ୍ ଜିତିଛେ । ସେନ୍ତା ରୋଇଂ ପୁରୁଷ ଡବଲ୍ସ୍‌ଥି ଓଡ଼ିଶାର୍ ପର୍‌ମିନ୍ଦର୍ ସିଂ ଆର୍ ସତ୍‌ନମ୍ ସିଂ ରୌପ୍ୟପଦକ୍ ହାସଲ୍ କରିଛନ୍ । ଇତାର୍‌ସହେତେ ଜାତୀୟ କ୍ରୀଡ଼ାଥି ଓଡ଼ିଶାର୍ ପଦକ୍ ସଂଖ୍ୟା ୨୦ ଥି ପୁହୁଁଚିଛେ । ଯେନ୍‌ଥି ୫ ଟା ସ୍ୱର୍ଣ୍ଣ, ୬ ଟା ରୌପ୍ୟ ଆର୍ ୯ ଟା ବ୍ରୋଞ୍ଜ୍ ପଦକ୍ ସାମିଲ୍ ଅଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଗଲାକାଏଲ୍ ୧୦ଟା ସହରର୍ ଦିନର୍ ତାପମାତ୍ରା ୩୫ ଡିଗ୍ରୀନୁ ଅଏତ୍‌କା ଥିଲା । ବଲାଙ୍ଗିର୍ ଆର୍ ମାଲ୍‌କାନ୍‌ଗିରିର୍ ତାପମାତ୍ରା ୩୬ ଡିଗ୍ରୀ ସେଲ୍‌ସିଅସ୍ ଥିଲା । ରାଜ୍ୟର୍ ସବୁ ଇଲାକାର୍ ତାତି ୩୦ ଡିଗ୍ରୀନୁ ଅଏତ୍‌କା ଥିଲା । ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଦିନର୍ ଆର୍ ରାତିର୍ ସର୍ବୋଚ୍ଚ ତାପମାତ୍ରାଥି ୬ ନୁ ୭ ଡିଗ୍ରୀର୍ ଫରକ୍ ରହୁଛେ । ଇ ବଛ୍‌ରର୍ ଫେବୃଆରୀ ମାସର୍ ପହେଲା ହପ୍ତାଥି କୋରାପୁଟ୍, ଭବାନୀପାଟ୍‌ନା, ଝାର୍‌ସୁଗୁଡ଼ାର୍ ତାପମାତ୍ରା ୫୦ ବଛ୍‌ରର୍ ରେକର୍ଡ଼୍ ଭାଙ୍ଗିଛେ । ବିଶ୍ୱ ପାଣିପାଗ୍ ସଂସ୍ଥାର୍ ସୂଚ୍‌ନା ଅନ୍‌ସାରେ ଓଡ଼ିଶା ନ ଇ ବଛ୍‌ରର୍ ଖରାଦିନେ ୭୦ ନୁ ୮୦ ଦିନ୍ ତକ୍ ଗ୍ରୀଷ୍ମପ୍ରବାହ ଜାରି ରହେବା । ମାର୍ଚ୍ଚ ମାସର୍ ୧୫ ତାରିଖ୍‌ନୁ ଜୁନ୍ ମାସ ୧୫ ତାରିଖ୍ ଭିତ୍‌ରେ ତାତି ଜହ ବଢ଼୍‌ବା ।